ଭାରତୀୟ ଜନତା ପାର୍ଟି, ଓଡିଶା

ଶାସକ ବିଜେଡି ରାଷ୍ଟ୍ରାୟତ ଉଦ୍ୟୋଗ ଆଗରେ ବିକ୍ଷୋଭ କରିବା ପାଇଁ ଚେତାବନୀ ଦେବା ପ୍ରସଙ୍ଗରେ

# ମୁଖ୍ୟମନ୍ତ୍ରୀ ମିଥ୍ୟା ପ୍ରହଳିକା ବନ୍ଦ କରି ରାଜ୍ୟର ଯୁବକମାନଙ୍କୁ ନିଯୁକ୍ତି ଦିଅନ୍ତୁ: ବିଜେପି

- ନିଯୁକ୍ତି କ୍ଷେତ୍ରରେ କେନ୍ଦ୍ର ସରକାର ସଂପୂର୍ଣ୍ଣ ଦାୟୀତ୍ୱ ନେଇ କାର୍ଯ୍ୟ କରୁଛନ୍ତି
- ଯୁବକ ଯୁବତୀମାନଙ୍କୁ ନିଯୁକ୍ତି ଦେବାକୁ ଡାକି ପ୍ରତାରିତ କରିଛନ୍ତି ରାଜ୍ୟସରକାର
- ଓଡିଶାର ବିକାଶ ଏବଂ ରୋଜଗାର ପାଇଁ ରାଜ୍ୟସରକାରଙ୍କ ପାଖରେ କୌଣସି ସକାରାତ୍ମକ ଏଜେଣ୍ଡା ନାହିଁ
- ନିଜର ରାଜନୈତିକ ଫାଇଦା ପାଇଁ ଶାସକ ଦଳ ୪୫୦ କୋଟି ଟଙ୍କା ବ୍ୟୟରେ ବିଜୁଯୁବ ବାହିନୀ ଗଠନ କରି ଯୁବକ ମାନଙ୍କୁ ଗୁଣ୍ଡା ସଜାଉଛି
- କେନ୍ଦ୍ର ସରକାର ରାଜ୍ୟର ଯୁବକ ମାନଙ୍କ ପାଇଁ ନିଯୁକ୍ତି ସୃଷ୍ଟି କରିବା ପାଇଁ ଚାହୁଁଥିବା ସମୟରେ ରାଜ୍ୟସରକାର ସବୁ ସମୟରେ ବାଧକ ସାଜୁଛନ୍ତି
- ଖୋଦ୍ ମୁଖ୍ୟମନ୍ତ୍ରୀଙ୍କ ଗଂଜାମ ଜିଲ୍ଲାରେ ସର୍ବାଧିକ ଲୋକ ଦାଦନ ଖଟିବାକୁ ଅନ୍ୟ ରାଜ୍ୟକୁ ଯାଉଛନ୍ତି

**ଭୁବନେଶ୍ୱର, ତା.୦୩/୧୧:** ଦୀର୍ଘ ୧୮ ବର୍ଷ ଧରି ରାଜ୍ୟ ସରକାର ରାଜ୍ୟର ଯୁବକ ଯୁବତୀମାନଙ୍କୁ କୌଣସି ସ୍ଥାୟୀ ନିଯୁକ୍ତି ପ୍ରଦାନ କରିନାହାଁନ୍ତି । ଏପରିକି ଅନେକ ସ୍ଥାନରେ ନିଯୁକ୍ତି ମେଳା କରି ବେକାର ଯୁବକ ଯୁବତୀମାନଙ୍କୁ ନିଯୁକ୍ତି ଦେବାକୁ ଡାକି ପ୍ରତାରିତ କରିଛନ୍ତି । ଅନ୍ୟପଟେ ନିଜର ରାଜନୈତିକ ଫାଇଦା ପାଇଁ ୪୫୦ କୋଟି ଟଙ୍କା ବ୍ୟୟରେ ବିଜୁଯୁବ ବାହିନୀ ଗଠନ କରି ଯୁବକ ମାନଙ୍କୁ ଗୁଣ୍ଡା ସଜାଉଛନ୍ତି ବୋଲି ରାଜ୍ୟ ସାଧାରଣ ସଂପାଦକ ଶ୍ରୀ ଭୃଗୁ ବକ୍ସିପାତ୍ର ଅଭିଯୋଗ କରିଛନ୍ତି ।

ରାଜ୍ୟରେ ବେକାର ସମସ୍ୟା ଦୂର କରିବା ହେଉଛି ରାଜ୍ୟସରକାରଙ୍କ ପ୍ରାଥମିକତା । କିନ୍ତୁ ଏହି ସମସ୍ୟାକୁ ଗୁରୁତର ସହ ନନେଇ ମୁଖ୍ୟମନ୍ତ୍ରୀ ହୀନ ରାଜନୀତି କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । କେନ୍ଦ୍ର ସରକାର ରାଜ୍ୟର ଯୁବକ ମାନଙ୍କ ପାଇଁ ନିଯୁକ୍ତି ସୃଷ୍ଟି କରିବା ପାଇଁ ଚାହୁଁଥିବା ସମୟରେ ରାଜ୍ୟସରକାର ସବୁ ସମୟରେ ବାଧକ ସାଜୁଛନ୍ତି ବୋଲି ଶ୍ରୀ ବକ୍ସିପାତ୍ର କହିଛନ୍ତି ।

ରାଜ୍ୟରେ ତୈଳ ରିଜର୍ଭର ପାଇଁ ରାଜ୍ୟ ସରକାର ସ୍ଥାନ ଦେଉନାହାଁନ୍ତି । ଏନଟିପିସି ଏବଂ ଡିଟିପିଏସ ୧୦ ହଜାର କୋଟି ଟଙ୍କା ଅନୁମୋଦନ ହେବା ପରେ ରାଜ୍ୟସରକାର ଏଯାବତ୍ ଉଦ୍‌ଘାଟନ କରିବା ପାଇଁ ଅନୁମୋଦନ କରୁନାହାଁନ୍ତି । ସେହିପରି ଆହାର ଅର୍ଥ ନଦେବା ଏବଂ କୋଇଲା ଖଣିରେ ଏମସିଏଲ ସହଯୋଗ ନକରିବା ଯୋଗୁଁ ୩୧୬ ଦିନ ଧରି ରାଜ୍ୟସରକାର ଖଣି ବନ୍ଦ କଲେ କରିଥିଲେ । ଏଥିପାଇଁ ଓଡିଶା ସରକାର ୮୯୦ କୋଟି କ୍ଷତି ସହିଥିଲେ ।

୨୦୦୮ ମସିହାରେ ବିଶ୍ୱଭୂଷଣ ହରିଚନ୍ଦନ ଶିଳ୍ପ ମନ୍ତ୍ରୀ ଥିବା ସମୟରେ ଶିଳ୍ପ ମାନଙ୍କରେ ୯୦ ପ୍ରତିଶତ ଅଣକୁଶଳୀ, ୬୦ ପ୍ରତିଶତ ଅର୍ଦ୍ଧ କୁଶଳୀ ଏବଂ ୩୦ ପ୍ରତିଶତ କୁଶଳୀ ସ୍ଥାନୀୟ ଲୋକ ନିଯୁକ୍ତି ପାଇବେ ବୋଲି ନିଷ୍ପତି ହୋଇଥିଲା । ରାଜ୍ୟ ସରକାର ସେ କାମ ନକରି ସବୁ କଥାରେ ରାଜନୀତି କରିଚାଲିଛନ୍ତି ବୋଲି ଶ୍ରୀ ବକ୍ସିପାତ୍ର କହିଛନ୍ତି ।

ଇନଫ୍ରାଷ୍ଟକଚର ହେଲେ ରାଜ୍ୟରେ ରୋଜଗାର ବଢିବ । ରେଳପଥ ପାଇଁ କେନ୍ଦ୍ର ସରକାର ପ୍ରଚୁର ଅର୍ଥ ଅନୁମୋଦନ କରିଥିବା ସମୟରେ ରାଜ୍ୟସରକାର ଜମି ଅଧିଗ୍ରହଣ କରିପାରୁ ନାହାଁନ୍ତି । ଖୋଦ୍ ମୁଖ୍ୟମନ୍ତ୍ରୀଙ୍କ ଗଂଜାମ ଜିଲ୍ଲାରେ ସର୍ବାଧିକ ଲୋକ ଦାଦନ ଖଟିବାକୁ ଅନ୍ୟ ରାଜ୍ୟକୁ ଯାଉଛନ୍ତି । ମୁଖ୍ୟମନ୍ତ୍ରୀ ଏଥିପାଇଁ ଦାୟୀ ନୁହଁନ୍ତି କି ବୋଲି ଶ୍ରୀ ବକ୍ସିପାତ୍ର ପ୍ରଶ୍ନ କରିଛନ୍ତି ।

ଏମ୍ପ୍ଲୋୟମେଂଟ ଏକ୍ସଚେଞ୍ଜରେ କେତେ ଜଣ ପିଲା ନିଜ ନାଁ ରେଜେଷ୍ଟ୍ରେସନ କରିଛନ୍ତି ଆଉ କେତେ ଜଣଙ୍କୁ ରାଜ୍ୟ ସରକାର ନିଯୁକ୍ତି ଦେଇଛନ୍ତି ତାହା ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରନ୍ତୁ । ଯଦି ରାଜ୍ୟର ରୋଜଗାର ପାଇଁ କେନ୍ଦ୍ରକୁ ଦାୟୀ କରାଯିବ ତେବେ ରାଜ୍ୟସରକାରଙ୍କ ଦାୟୀତ୍ୱ କ'ଣ ରହିଛି ବୋଲି ଶ୍ରୀ ବକ୍ସିପାତ୍ର ପ୍ରଶ୍ନ କରିଛନ୍ତି ।

ଓଡିଶାର ବିକାଶ ଏବଂ ରୋଜଗାର ପାଇଁ ରାଜ୍ୟସରକାରଙ୍କ ପାଖରେ କୌଣସି ସକାରାତ୍ମକ ଏଜେଣ୍ଡା ନାହିଁ । ନିଯୁକ୍ତି କ୍ଷେତ୍ରରେ କେନ୍ଦ୍ର ସରକାର ସଂପୂର୍ଣ୍ଣ ଦାୟୀତ୍ୱ ନେଇ କାର୍ଯ୍ୟ କରୁଛନ୍ତି । ମୁଖ୍ୟମନ୍ତ୍ରୀ ମିଥ୍ୟା ପ୍ରହଳିକା ବନ୍ଦ କରି ରାଜ୍ୟର ଯୁବକମାନଙ୍କୁ ନିଯୁକ୍ତି ଦିଅନ୍ତୁ ବୋଲି ଶ୍ରୀ ବକ୍ସିପାତ୍ର କହିଛନ୍ତି ।

**(ବିଜେପି ମିଡିଆ ସେଲ୍)**